# NATIONAL NEWS BULLETIN (ODIA)
## 20 October - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସମଗ୍ର ଦେଶରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ଆଲୋକର ପର୍ବ ଦୀପାବଳି

– ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

- କେରଳକୁ ଆସନ୍ତାକାଲିଠାରୁ ଚାରିଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି
- ସୁରକ୍ଷା ବାହିନୀର ସାହସ ଏବଂ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶର ମାଓବାଦୀ କାର୍ଯ୍ୟକଳାପ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି; କହିଲେ ପ୍ରଧାନମନ୍ତ୍ରୀ
- ବିହାର ବିଧାନସଭା ନିର୍ବାଚନରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ

ଏବଂ

- ନୂଆଦିଲ୍ଲୀସ୍ଥିତ ରେଳବାଇ ବୋର୍ଡର ୱାର୍ ରୁମ୍ ପରିଦର୍ଶନ କରି ଯାତ୍ରୀଙ୍କ ଗତିବିଧିର ସମୀକ୍ଷା କଲେ ରେଳମନ୍ତ୍ରୀ

# ଦୀପାବଳି

ସମଗ୍ର ଦେଶରେ ଆଲୋକର ପର୍ବ ଦୀପାବଳି ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ଅନ୍ଧାର ଉପରେ ଆଲୋକର, ମନ୍ଦ ଉପରେ ଭଲର ଏବଂ ଅଜ୍ଞାନତା ଉପରେ ଜ୍ଞାନର ବିଜୟର ପ୍ରତୀକ ବହନ କରେ ଦୀପାବଳି। ସାରା ବିଶ୍ୱରେ ଏହି ପର୍ବ ଉତ୍ସାହର ସହିତ ପାଳନ କରାଯାଏ। ଏହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଏକତା ଏବଂ ସଦ୍‌ଭାବନାର ସାର୍ବଜନୀନ ବାର୍ତ୍ତାକୁ ପ୍ରତିଫଳିତ କରେ।

ରାଷ୍ଟ୍ରପତି ଏହି ପର୍ବ ଆତ୍ମପ୍ରତିଫଳନ ଏବଂ ଆତ୍ମବିକାଶର ପର୍ବ ହେଉ ବୋଲି କହିଛନ୍ତି । ସମସ୍ତଙ୍କୁ ନିରାପଦ, ଦାୟିତ୍ୱପୂର୍ଣ୍ଣ ଏବଂ ପରିବେଶ ଅନୁକୂଳ ଦୀପାବଳି ପାଳନ ଲାଗି ରାଷ୍ଟ୍ରପତି ଆହ୍ୱାନ ଦେଇ ପାରସ୍ପରିକ ସ୍ନେହ ଓ ଭାଇଚାରା ବୃଦ୍ଧି କାମନା କରିଛନ୍ତି । ଦୀପାବଳି ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧି ଆଣିବ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଦୀପାବଳି ପର୍ବ ଅବସରରେ ଦେବୀ ଲକ୍ଷ୍ମୀ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ସେ ଦେଶବାସୀଙ୍କ ଶାନ୍ତି, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀପାବଳି ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ନାଗରିକଙ୍କ ଜୀବନ ଆଲୋକିତ ହେବା ସହ ସୁଖ ଏବଂ ସମୃଦ୍ଧି କାମନା କରିଛନ୍ତି ।

## ପ୍ରେଜ୍ କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳକୁ ଚାରି ଦିନିଆ ଗସ୍ତରେ ଯାଇ ଆସନ୍ତାକାଲି ତିରୁବନନ୍ତପୁରମରେ ପହଞ୍ଚିବେ। ବୁଧବାର ଦିନ ରାଷ୍ଟ୍ରପତି ସାବରୀମାଳା ମନ୍ଦିର ଦର୍ଶନ କରିବେ। ଗୁରୁବାର ଦିନ ରାଷ୍ଟ୍ରପତି ତିରୁବନନ୍ତପୁରମର ରାଜଭବନରେ ପୂର୍ବତନ ରାଷ୍ଟ୍ରପତି କେ. ଆର. ନାରାୟଣନଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବେ। ରାଷ୍ଟ୍ରପତି ଶ୍ରୀ ନାରାୟଣ ଗୁରୁ ସମାଧିର ଶତବାର୍ଷିକୀ ସମାରୋହରେ ମଧ୍ୟ ଯୋଗଦେବେ। ଏତଦ୍‌ବ୍ୟତୀତ, ରାଷ୍ଟ୍ରପତି’ ପାଲାସ୍ଥିତ ସେଣ୍ଟ ଥମାସ କଲେଜ ଏବଂ ଏର୍ନାକୁଲମଠାରେ ସେଣ୍ଟ ଟେରେସା କଲେଜରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ।

## ପିଏମ୍-ଗୋଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୩ ପ୍ରତିରକ୍ଷା ବାହିନୀ ମଧ୍ୟରେ ସମନ୍ୱୟ’ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନକୁ

ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା । ଗୋଆ ଏବଂ କରୱାର ଉପକୂଳରେ ଆଇଏନ୍ଏସ୍ ବିକ୍ରାନ୍ତରେ ନୌସେନା କର୍ମଚାରୀଙ୍କ ସହିତ ଆଜି ଦୀପାବଳି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଆଇଏନ୍ଏସ୍ ବିକ୍ରାନ୍ତ ହେଉଛି ଆତ୍ମନିର୍ଭର ଏବଂ ମେଡ୍ ଇନ୍ ଇଣ୍ଡିଆର ଏକ ଉତ୍କୃଷ୍ଟ ଉଦାହରଣ । ସରକାର ପ୍ରତ୍ୟେକ ଆହ୍ୱାନର ମୁକାବିଲା ତଥା ସ୍ଥିରତା ବଜାୟ ରଖିବାକୁ  ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Atmanirvar Bharat)**

ନୌସେନା କର୍ମଚାରୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ସହିତ ଦୀପାବଳି ପାଳନ କରୁଥିବାରୁ ସେ ଗର୍ବିତ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସୁରକ୍ଷା ବାହିନୀର ସାହସ ଏବଂ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶରୁ ମାଓ ଆତଙ୍କବାଦକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ମିଳିଛି ।

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମବର୍ଷ ଶ୍ରୀ ମୋଦୀ ଲଦାଖର ସିଆଚେନ୍ ହିମବାହ ଅଞ୍ଚଳରେ ସୈନିକଙ୍କ ସହିତ ଦୀପାବଳି ପାଳନ କରିଥିଲେ । ଗତବର୍ଷ ସେ ସର୍କ୍ରିକ୍‌ରେ ନିୟୋଜିତ ସୈନିକଙ୍କ ସହ ଦୀପାବଳି ପାଳନ କରିବା ସହ ସୀମା ସୁରକ୍ଷା

କର୍ମଚାରୀଙ୍କ ସହ ଦୀପାବଳି ପର୍ବ ପାଳନ କରିବାର ପରମ୍ପରା ଜାରି ରଖିଛନ୍ତି ।

## ଡିପ୍ଲୋମାଟିକ ମିଶନ ଦିୱାଲି

ଆଲୋକର ପର୍ବ ଦୀପାବଳି ଅବସରରେ ଆଜି ନୂଆଦିଲ୍ଲୀରେ ଅବସ୍ଥାପିତ ବିଭିନ୍ନ ଦେଶର ଦୂତାବାସ କର୍ମଚାରୀମାନେ ଦୀପାବଳି ଉତ୍ସବ ସମାରୋହରେ ଯୋଗ ଦେଇଥିଲେ। ଭାରତର ଲୋକମାନଙ୍କୁ ସେମାନେ ଶୁଭେଚ୍ଛା ଜଣାଇଥିଲେ। ଫିନଲ୍ୟାଣ୍ଡ, ଇସ୍ରାଏଲ, ଅଷ୍ଟ୍ରିଆ, ବ୍ରାଜିଲ, ସ୍ୱିଜରଲ୍ୟାଣ୍ଡ ଏବଂ ୟୁରୋପୀୟ ୟୁନିଅନର ଦୂତାବାସ ଏହି ଉତ୍ସବକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ।

ଫିନଲ୍ୟାଣ୍ଡ ଦୂତାବାସ ପକ୍ଷରୁ ଏକ କୁଇଜ୍, ମଧ୍ୟାହ୍ନ ଭୋଜନର ଆୟୋଜନ କରାଯିବା ସହ ନୃତ୍ୟକୁ ମଧ୍ୟ ସାମିଲ କରାଯାଇଥିଲା। ଦୂତାବାସଗୁଡ଼ିକ ପକ୍ଷରୁ ସେୟାର କରାଯାଇଥିବା ଏକ ଭିଡିଓରେ ଦୂତାବାସର ଅଧିକାରୀମାନେ ଉତ୍ସାହଜନକ ସଙ୍ଗୀତରେ ନାଚି ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା। ଇସ୍ରାଏଲୀ କୂଟନୀତିଜ୍ଞମାନେ ଦୀପାବଳି ପାଇଁ କିଣାକଣି କରିବାକୁ ଯାଇ ପାରମ୍ପରିକ ଫୁଲ ଏବଂ ଦୀପ

ଆଣିଥିଲେ। ସେମାନେ ଦୂତାବାସରେ ରଙ୍ଗୋଲି ଡିଜାଇନ୍ ମଧ୍ଯ ତିଆରି କରିଥିଲେ ଏବଂ ଜନସାଧାରଣଙ୍କ ସହିତ ଶୁଭେଚ୍ଛା ବାଣ୍ଟିଥିଲେ।

ସ୍ୱିସ୍ ଦୂତାବାସର ଅଧିକାରୀମାନେ ଏକ ମନୋହର ରଙ୍ଗୋଲି ସହ ଫଟୋ ଉଠାଇ ସେମାନଙ୍କର ଶୁଭେଚ୍ଛା ଜଣାଇଥିଲେ। ୟୁରୋପୀୟ ସଂଘ, ଅଷ୍ଟ୍ରିଆନ୍ ଦୂତାବାସ ଏବଂ ଭାରତରେ ବ୍ରାଜିଲର ରାଷ୍ଟ୍ରଦୂତ ମଧ୍ଯ ଏହି ପର୍ବ ପାଳନ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ।

## ବିହାର ଇଲେକ୍ସନ

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି । ଏପର୍ଯ୍ୟନ୍ତ ଏହି ପର୍ଯ୍ୟାୟ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ୍ ୧ ହଜାର ୬୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଆସନ୍ତାମାସ ୧୧ ତାରିଖରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆସନ୍ତାମାସ ୬ ତାରିଖରେ ଏହି ପର୍ଯ୍ୟାୟ ପାଇଁ ୧୮ଟି ଜିଲ୍ଲାର ୧୨୧ଟି ଆସନରେ ମତ ଗ୍ରହଣ

କରାଯିବ । ବିହାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ୍ ୧ ହଜାର ୩୭୫ ଜଣଙ୍କ ନାମାଙ୍କନପତ୍ର ବୈଧ ଘୋଷଣା କରାଯାଇଛି । ସେଥିମଧ୍ୟରେ ୧୪୭ ଜଣ ମହିଳା ଏବଂ ୧ ହଜାର ୨୪୮ ଜଣ ପୁରୁଷ ପ୍ରାର୍ଥୀ ରହିଛନ୍ତି ।

ବିହାରରେ ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରଠାରୁ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା, ପେଟ୍ରୋଲିଂ ୟୁନିଟ୍ ଏବଂ ଯାଞ୍ଚ ଦଳ ପକ୍ଷରୁ ୨୩ କୋଟି ୪୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମଦ ଏବଂ ପ୍ରାୟ ୧୭ କୋଟି ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ କରାଯାଇଛି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରଖାଯାଇଥିବା ୪ କୋଟି ୧୯ ଲକ୍ଷ ଟଙ୍କାର ନଗଦ ଟଙ୍କା ସହ ୪୩ କୋଟି ୧୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି ।

ଓଡ଼ିଶାର ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆଜି ଶେଷ ହୋଇଛି । ତିନୋଟି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୧୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

## ବୈଷ୍ଣବ– ୱାର୍ ରୁମ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀସ୍ଥିତ ରେଳବାଇ ବୋର୍ଡର ୱାର ରୁମ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ପାର୍ବଣ

ଋତୁରେ ଯାତ୍ରୀଙ୍କ ଗତିବିଧିର ସମୀକ୍ଷା କରିଥିଲେ। ଶ୍ରୀ ବୈଷ୍ଣବ କର୍ମଚାରୀମାନଙ୍କୁ ୨୪ ଘଣ୍ଟା କାମ କରିବା ପାଇଁ ଉତ୍ସାହିତ କରିଥିଲେ ଏବଂ ଦୀପାବଳି ଅବସରରେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଚଳିତ ପାର୍ବଣ ଋତୁରେ, ଭାରତୀୟ ରେଳବାଇ ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛି। ଦୀପାବଳି ଏବଂ ଛଠ ପୂଜା ସମୟରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ରେଳବାଇ ୧୨ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରୁଛି।

## ରାଜନାଥ - ପୁଲିସ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ପୁଲିସ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପୋଲିସ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

ସେହିଦିନ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଏକ ମିଳିତ ପରେଡ୍ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରୀୟ ସୁରକ୍ଷା ବଳ ମୁଖ୍ୟ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟ ଏବଂ ଅନ୍ୟାନ୍ୟ

ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଚଳିତମାସ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୁଲିସ ସ୍ମାରକୀଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଇସ୍ରାଏଲ-ଗାଜା ସିଜ୍‌ଫାୟାର

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ଇସ୍ରାଏଲ ତାର ଆକ୍ରମଣ ଜାରି ରଖିଥିବା ସତ୍ତ୍ୱେ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ବଜାୟ ରହିଛି।

ରଫା ନିକଟରେ ଏକ ବିସ୍ଫୋରଣରେ ଦୁଇ ଇସ୍ରାଏଲୀ ସୈନିକଙ୍କ ମୃତ୍ୟୁ ପରେ ଇସ୍ରାଏଲ ଆଜି ଗାଜା ଷ୍ଟ୍ରିପରେ ପୁଣିଥରେ ବିମାନ ଆକ୍ରମଣ ଆରମ୍ଭ କରିଥିବା ବେଳେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଆସିଛି। ଯେଉଁଥିରେ ଜଣେ ସାମ୍ବାଦିକଙ୍କ ସମେତ ଅତି କମରେ ୧୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।

ଇସ୍ରାଏଲୀ ସେନାର ସୂଚନା ଅନୁସାରେ, ରଫାରେ ଅବସ୍ଥାପିତ ଇସ୍ରାଏଲୀ ସୈନିକଙ୍କ ଉପରେ ହମାସ ପକ୍ଷରୁ ଏକ ଟ୍ୟାଙ୍କ୍ ପ୍ରତିରୋଧୀ କ୍ଷେପଣାସ୍ତ୍ର ଏବଂ ଗୁଳିଚାଳନା ଫଳରେ ଦୁଇ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା।

ହମାସ ଯୁଦ୍ଧବିରତି ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲା, କିନ୍ତୁ ଇସ୍ରାଏଲ ଏହାକୁ ଉଲ୍ଲଂଘନ କରୁଥିବାର ଅଭିଯୋଗ କରିଥିଲା। ହମାସ ଚେତାବନୀ ଦେଇ କହିଥିଲା, ଏହି ଆକ୍ରମଣ' ପରିସ୍ଥିତିକୁ ପୁନର୍ବାର ଯୁଦ୍ଧ ଆଡ଼କୁ ନେଇଯାଇପାରେ।

ଇତିମଧ୍ୟରେ, ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ଜାରେଡ୍ କୁଶନର ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ଓ୍ୱିଟକଫ ଆଜି ଇସ୍ରାଏଲରେ ପହଞ୍ଚିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ସାକ୍ଷାତ କରିବାର ଆଶା କରାଯାଉଛି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଆସନ୍ତାକାଲି ଆଲୋଚନାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଏସିଆନ୍ ରୋଇଙ୍ଗ ଚାମ୍ପିଅନସିପ୍

ଭାରତୀୟ ନୌଚାଳନା ଦଳ ଗତକାଲି ଭିଏତନାମର ହାଇ ଫଙ୍ଗରେ ସମାପ୍ତ ହୋଇଥିବା ଏସୀୟ ନୌଚାଳନା ଚାମ୍ପିଅନସିପରେ ୧୦ଟି ପଦକ ଜିତିଛନ୍ତି। ସେଥିମଧ୍ୟରେ ତିନୋଟି ସ୍ୱର୍ଣ୍ଣ, ପାଞ୍ଚଟି ରୌପ୍ୟ ଏବଂ ଦୁଇଟି କାଂସ୍ୟ ପଦକ ରହିଛି।